PR No- 1771 / 2024

OFFICE OF THE TAHASILDAR * BARIPADA *

# ତହସିଲଦାରଙ୍କ କାର୍ଯ୍ୟାଳୟ,ବାରିପଦା

**ଇସ୍ତାହାର ଡି-ରିଜର୍ଭେସନ କେସ ନଂ- ୦୨ / ୨୦୨୪**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ,ନିମ୍ନ ତଫସିଲ ବର୍ଣ୍ଣିତ ଜମି ନିମ୍ନ ଆବେଦନକାରୀଙ୍କୁ ଘରଡିହ ଲିଜ ଭାବେ ହସ୍ତାନ୍ତର କରିବାର ପ୍ରସ୍ତାବ ହୋଇଅଛି । ଏଥିରେ ଅବେଦନକରୀ ଙ୍କ ନାମ, ଠିକଣା ଏବଂ ପ୍ରସ୍ତାବିତ ଜମିର ଖାତା ନଂ, ପ୍ଲଟ ନଂ,କିସମ, ଜମିର ପରିମାଣ ଉଲ୍ଲେଖ କରାଯାଇଅଛି | ଯେହେତୁ ଉକ୍ତ ଜମି ସରକାରୀ ରକ୍ଷିତ ଖାତା ଏବଂ କିସମ- ବସ୍ତିଯୋଗ୍ୟ ଅଛି ତାର ପରିବର୍ତ୍ତନ ଆବଶ୍ୟକ ହେଉଅଛି । ଏଣୁ ଏହି ଖାତା ଏବଂ କିସମ ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର (୧୫) ଦିନ ମଧରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

## ତ ଫ ସି ଲ

ମୌଜାର ନାମ- ବାଲିପାଳ ଥାନାର ନାମ :- ବେତନଟୀ ନଂ:- ୧୩

| ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକରରେ) | ଆବେଦନକାରୀଙ୍କ ନାମ ଓ ଠିକଣା |
|---|---|---|---|---|
| ୧୧୨ (ରକ୍ଷିତ) | ୭/୧ | ବସ୍ତିଯୋଗ୍ୟ | ଏ. ୦.୦୪ | ନାମ- ପୁନ୍ତା ମୁର୍ମୁ<br>ସ୍ୱା- ଚାମ୍ପାଇ ମୁର୍ମୁ<br>ଚାମ୍ପାଇ ମୁର୍ମୁ<br>ପି- ସାଲଖାନ ମୁର୍ମୁ<br>ଜାତି- ସାନ୍ତାଳ<br>ବା- କାଞ୍ଚନପାଳ |
| ମୋଟ | | | ଏ. ୦.୦୪ | |

ଏହାର ଏକକିତା ନକଲ ବାଲିପାଳ ମୌଜାରେ ଢେଙ୍ଗୁରା ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରିପଦା / ହାତିକୋଟ ଗ୍ରାମ ପଂଚାୟତ କାର୍ଯ୍ୟାଳୟ / ରାଜସ୍ୱ ନିରୀକ୍ଷକ, ବୁଦ୍ଧୀଖମାରିଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ବାରିପଦା ତହସିଲ ଅଫିସ ନୋଟିସବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

[signature] 02.12.2024

ତହସିଲଦାର,ବାରିପଦା

TAHASILDAR
BARIPADA